## ସଂକ୍ଷେପରେ

### ବାଲିଘାଟକୁ କେନ୍ଦ୍ରକରି ଉତ୍ତେଜନା, ୧୦ ଗିରଫ

ଆସିକା,୧୭।୪ (ସୁରେନ୍ଦ୍ର ନାଥ ସାହୁ) ଗଞ୍ଜାମ ଜିଲା ଶେରଗଡ଼ ତହସିଲର ଆସିକା ଥାନା ଅନ୍ତର୍ଗତ ପାକିଡ଼ିସ୍ଥିତ ଋଷିକୂଲ୍ୟା ନଦୀର ବାଲିଘାଟରୁ ବାଲି ଉଠାଇବାକୁ କେନ୍ଦ୍ରକରି ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ବାଲିଘାଟ ଗୁତାଦାର ସୁଧାନିଧି ଚୌଧୁରୀଙ୍କ ପକ୍ଷରୁ ମଙ୍ଗଳବାର ଆସିକା ପୋଲିସରେ ଏକ ଅଭିଯୋଗ ଦାଖଲ କରାଯାଇଥିଲା । ଏହି ଅଭିଯୋଗରେ ପାକିଡି ଗ୍ରାମର କେତେକ ବ୍ୟକ୍ତି ଗୁତାଦାରଙ୍କୁ ଦୈନିକ ୧ଲକ୍ଷ ଟଙ୍କା ଦାଦାବଟି ମାଗିବା ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା । ପୋଲିସ ଏହି ଅଭିଯୋଗକୁ ଭିତ୍ତି କରି ୨୯୫/୨୪ରେ ଏକ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ମାମଲାରେ ପାକିଡି ଗ୍ରାମର ୧୦ଜଣଙ୍କୁ ଗିରଫ କରାଯାଇଛି। ଅପରପକ୍ଷେ ଏହି ଘଟଣାକୁ କେନ୍ଦ୍ର କରି ବୁଧବାର ପାକିଡି ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା ।

### ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ

ବ୍ରହ୍ମପୁର,୧୭।୪(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଜଣେ ଡାକ୍ତରୀ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ସେ ହେଲେ ଅର୍ପଣ ପାଢ଼ୀ। ଅର୍ପଣ ୟୁକ୍ରେନରେ ଏମ୍‌ବିବିଏସ୍ ପଢୁଥିଲେ। ସେଠାରେ ଯୁଦ୍ଧ ହେବାରୁ ଘରକୁ ଚାଲି ଆସିଥିଲେ। ତାଙ୍କ ବାପା ଡା. ନଳିନୀକାନ୍ତ ପାଢ଼ୀ ସିଟି ହସ୍ପିଟାଲରେ କାର୍ଯ୍ୟ କରିଛନ୍ତି। ଅର୍ପଣଙ୍କ ହୃଦରୋଗ ସମସ୍ୟା ଥିଲା। ମଙ୍ଗଳବାର ଅର୍ପଣ ରୁମରେ ପାଠ ପଢୁଥିବା ବେଳେ ଗୁରୁତର ହୋଇପଡିଥିଲେ। ତାଙ୍କୁ ରାତିରେ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ଗୋସାଣୀନୂଆଗାଁ ପୋଲିସ ମୃତଦେହ ଜବତ କରି ନଂ.୭/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଟ୍ରେନ ଧକ୍କାରେ ଗୁରୁତର ଛାତ୍ରୀଙ୍କ ମୃତ୍ୟୁ

ବ୍ରହ୍ମପୁର,୧୭।୪(ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ରେଳବାଇ ପୋଲିସ ରେଳଧାରଣାରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିବା ଛାତ୍ରୀଙ୍କ ଏମ୍‌କେସିଜି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ଟେକ୍କିଲି ନିକଟ କୃଷ୍ଣଚନ୍ଦ୍ରପୁର ମେଟାରେଡି ସାହିର ଜେନ୍ନା ଲିଙ୍କିକା। ମୃତା ଛାତ୍ରୀଙ୍କ ମାମୁ ସନ୍ତୋଷ କୁମାର ସ୍ୱାଇଁ ପୋଲିସ ଉପସ୍ଥିତିରେ ଭାଣେଜିଙ୍କ ମୃତଦେହ ଚିହ୍ନଟ କରିଛନ୍ତି। ମୃତଦେହ ପଞ୍ଚନାମା କରି ପୋଲିସ ନଂ. ୩୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ କରାଇଥିଲା। ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଘରୋଇ ଅଶାନ୍ତିରୁ ଛାତ୍ରୀ ଜଣଙ୍କ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଛାତ୍ରୀ ଜଣକ ବ୍ରହ୍ମପୁର ଗୋସାଣିନୂଆଗାଁ ଥାନା ଖଜୁରିଆ ଶାନ୍ତିନଗରରେ ତାଙ୍କ ମାମୁଘରେ ରହି ଯୁକ୍ତ ୨ ପଢୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ସେ ଘରୁ ହଠାତ ଚାଲିଯାଇ ଟ୍ରେନ ଆଗକୁ ଡେଇଁ ଗୁରୁତର ହୋଇଥିଲେ।

# ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହେଲା ରାୟଗଡ଼ା





ଶ୍ରୀରାମନବମୀ କମିଟି ଓ ବଜରଙ୍ଗ ଦଳ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।

## ଶ୍ରୀରାମ ନବମୀରେ ଶୋଭାଯାତ୍ରା

ରାୟଗଡ଼ା,୧୭।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ରାମନବମୀ ଉପଲକ୍ଷେ ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା ସହର ପରିକ୍ରମା କରିଛି। ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ରାୟଗଡ଼ା ସହର । ସ୍ଥାନୀୟ ରଥଛକ ନିକଟସ୍ଥ ଶ୍ରୀରାମ ମନ୍ଦିରଠାରୁ ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ରଥଛକଠାରୁ ରାୟଗଡ଼ା ମୁଖ୍ୟ ବଜାର ଓ ଫ୍ଲାଏଓଭର ଦେଇ କପିଳାସ ଛକ ପର୍ଯ୍ୟନ୍ତ ଏବଂ କପିଳାସ ଛକଠାରୁ ଭେଙ୍କଟେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା ହୋଇଥିଲା। ଶ୍ରୀରାମ ନବମୀ ଉତ୍ସବ କମିଟି ସହଯୋଗରେ ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପତାକା ଧରି ଜୟ ଶ୍ରୀରାମ ଧ୍ୱନିରେ ବାଇକ୍ ରାଲି କରିଥିଲେ । କାର୍ଯ୍ୟକ୍ରମକୁ କମିଟିର ସଭାପତି ପଦ୍ମନାଭ ଦାସ, ଶ୍ୟାମ ଦାସ ଓ ଅନ୍ୟ କର୍ମୀମାନେ ପରିଚାଳନା କରିଥିଲେ । ସେହିଭଳି ବଜରଙ୍ଗ ଦଳ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା ରଥଛକ ନିକଟସ୍ଥ ଶ୍ରୀରାମ ମନ୍ଦିରରୁ ବାହାରି ସହର ପରିକ୍ରମାକରି ପିଏଚ୍.ଡି. ନିକଟସ୍ଥ ହନୁମାନ ମନ୍ଦିରଠାରେ ପହଞ୍ଚିଥିଲା। କୁନି କୁନି ପିଲାମାନେ ରାମ, ସୀତା, ଲକ୍ଷ୍ମଣ ଓ ହନୁମାନ ବେଶ ଧାରଣକରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

# ଟିକିରିରେ ରାମନବମୀ ପାଳିତ

ଟିକିରି,୧୭।୪ (ପ୍ରଫୁଲ୍ଲ କୁମାର ବେହେରା )

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ଟିକିରିରେ ରାମ ନବମୀ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି । ଏହି ଅବସରରେ ପୂରା ଟିକିରି ସହର ରାମନାମ ଧ୍ୱନିରେ କମ୍ପି ଉଠିଥିଲା। ଶ୍ରଦ୍ଧାଳୁମାନେ ଟିକିରି ସ୍ଥିତ ଜାମଗୁଡ଼ାଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଗୋକୁଳ ମୁଣ୍ଡଠାରେ ପହଞ୍ଚିଥିଲେ । ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ମାତା ସୀତା ଓ ହନୁମାନଙ୍କ ବେଶ ଧାରଣ କରି ଅଭିନୟ କରୁଥିବା ଭକ୍ତମାନେ ଏଠାରେ କିଛି ସମୟ ଅଭିନୟ କରିଥିଲେ। ଏହି ଦୃଶ୍ୟ ଦେଖିବା ପାଇଁ ପ୍ରବଳ ଗରମ ସତ୍ତ୍ୱେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।



ଟିକିରିରେ ହନୁମାନ ବେଶରେ ଜଣେ ଭକ୍ତ।

# ମାଙ୍ଗାନିଜ ବୋଝେଇ ଟ୍ରକ୍ ଜବତ, ୨ ଅଟକ



ଜବତ ଟ୍ରକ୍।

ଟିକିରି,୧୭।୪ (ପ୍ରଫୁଲ୍ଲ କୁମାର ବେହେରା )

ରାୟଗଡ଼ା ଜିଲା ଟିକିରି ବନ ବିଭାଗ ପକ୍ଷରୁ ଲେଲିଗୁମା ରେଞ୍ଜ ନିକଟରୁ ମଙ୍ଗଳବାର ବିଳମ୍ବିତ ରାତିରେ ଗୋଟିଏ ମାଙ୍ଗାନିଜ ବୋଝେଇ ଟ୍ରକ୍ ଜବତ କରିବା ସହ ଦୁଇ ଜଣଙ୍କୁ ଅଟକ ରଖିଛି। ଅଟକ ଦୁଇ ଜଣ ଆନ୍ଧ୍ରପ୍ରଦେଶର ବିଜୟନଗରମ ଜିଲାର ଭି. ଭେଙ୍କଟେଶ୍ୱର ରାଓ ଏବଂ ଏ. ତରୁଣ କୁମାର। ଜବତ ଟ୍ରକ୍‌କୁ ଶଙ୍କରଡ଼ା ବନ ବିଭାଗ କାର୍ଯ୍ୟାଳୟ ପରିସରରେ ରଖାଯାଇଥିବା ରେଞ୍ଜର ଦିବ୍ୟା ମାଧୁରୀ ସେଠୀ ସୂଚନା ଦେଇଛନ୍ତି।

# ଓଡ଼ିଶାର ବିକାଶ ପାଇଁ ବିଜୁଙ୍କ ଅବଦାନ ଅନନ୍ୟ

## ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ

ରାୟଗଡ଼ା,୧୭।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବସ୍‌ଷ୍ଟାଣ୍ଡସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ବିଜେଡି ଜିଲା ସଭାପତି ଏନ୍.ଭାସ୍କର ରାଓଙ୍କ ନେତୃତ୍ୱରେ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାସ୍କର ରାଓ ଓ ଅନ୍ୟମାନେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ସହିତ ବିଜୁଙ୍କ ଓଡ଼ିଶା ପାଇଁ ଅନନ୍ୟ ଅବଦାନର ସ୍ମୃତିଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ବିଧାୟିକା ପ୍ରାର୍ଥିନୀ ଅନସୂୟା ମାଝି, ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ପୌର ପରିଷଦ ଅଧ୍ୟକ୍ଷ ପି.ମହେଶ ପଟ୍ଟନାୟକ, ରାଜ୍ୟ ସମ୍ପାଦକ ଅମିୟ ସ୍ୱାଇଁ, ଚନ୍ଦ୍ରକାନ୍ତ ସାମଲ, ବିଜେଡି ଜିଲା ଉପସଭାପତି ବିନାୟକ କର, ଟାଉନ ସଭାପତି ବି.ଜଗନ ମୋହନ, କାଉନସିଲର ସନ୍ତୋଷ ଦଳାଇ, ସୁକାନ୍ତ ପରିଡ଼ା, ଯୁବନେତା ଶ୍ରୀକାନ୍ତ ଚୌଧୁରୀ, ତପନ ପେଦେଣ୍ଟି, ପପୁ ପ୍ରବୀଣ କୁମାର, ଉଦୟ ହିମିରିକା ଓ ଶତାଧିକ ବିଜେଡି କର୍ମୀ ଯୋଗଦେଇଥିଲେ । ଏହି ଅବସରରେ ଦଳ ବିରୋଧୀ ନ ହୋଇ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟରେ ସହଯୋଗ କରିବା ପାଇଁ ସମସ୍ତ ନେତା ଓ କର୍ମୀ ଶପଥ ପାଠ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ହର ହେପୃକା ସମସ୍ତଙ୍କୁ ଶପଥ ପାଠ କରାଇଥିଲେ ।



ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଏନ୍.ଭାସ୍କର ରାଓ ଓ ଅନ୍ୟମାନେ ଶପଥ ପାଠ କରୁଛନ୍ତି।

# କାର୍ଯ୍ୟରତ ମହିଳା କନଷ୍ଟେବଲ ଅଂଶୁଘାତର ଶିକାର

ରାୟଗଡ଼ା,୧୭।୪
(ଆଶିଷ ରଞ୍ଜନ ପଣ୍ଡା)

ଜଣେ ମହିଳା କନଷ୍ଟେବଲ ଅଂଶୁଘାତର ଶିକାର ହୋଇଛନ୍ତି । ସେ ହେଲେ ଲାବଣ୍ୟା ଗାଣ୍ଟା(୨୫) । ଡ୍ୟୁଟି କରିବା ସମୟରେ ମଧ୍ୟାହ୍ନ ପ୍ରାୟ ୧ଟା ବେଳେ ସେ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ବର୍ତ୍ତମାନ ସେଠାରେ ସେ ଚିକିତ୍ସିତ ଅବସ୍ଥାରେ ଅଛନ୍ତି । ବୁଧବାର ଶ୍ରୀରାମ ନବମୀରେ ରାୟଗଡ଼ା ସହରରେ ଦୁଇଟି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରା କିଭଳି ସୁରକ୍ଷିତ ଭାବେ ସମ୍ପନ୍ନ ହେବ ସେଥିପାଇଁ ବ୍ୟାପକ ପୋଲିସ ନିୟୋଜିତ ହୋଇଥିଲେ। ଏହି ଶୋଭାଯାତ୍ରାରେ ଲାବଣ୍ୟା ଡ୍ୟୁଟି କରୁଥିବାବେଳେ ଅଂଶୁଘାତର ଶିକାର ହୋଇଛନ୍ତି। ତେବେ ରାୟଗଡ଼ାରେ ବୁଧବାର ସକାଳୁ ପ୍ରଚଣ୍ଡ ତାତି ରହିଥିବା ବେଳେ ତାପମାତ୍ରା ୪୦ଡିଗ୍ରୀରୁ ଉର୍ଦ୍ଧ୍ୱରେ ରହିଥିଲା ।

# ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼



ଗୁଣୁପୁର, ୧୭।୪(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରରେ ଶ୍ରୀରାମ ନବମୀ ଉତ୍ସବ ଧୁମଧାମର ସହ ବୁଧବାର ପାଳିତ ହୋଇଯାଇଛି। ଏଥିଲାଗି ସ୍ଥାନୀୟ ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ହୋଇଥିଲା । ସନ୍ଧ୍ୟା ସମୟରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରାମନବମୀ ଉପଲକ୍ଷେ ଭକ୍ତମାନେ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରାରେ ଉମା ଦାସ, ଅମର ସାହୁ, ଗଣପତି ରାଓ, ରାଜେନ୍ଦ୍ର ସାହୁ, ପ୍ରମୋଦ ସାହୁ, ପପୁ କର, ସୁଜିତ ଶତପଥୀ, ଶ୍ରୀନିବାସ ସ୍ୱାଇଁ, ଟିଙ୍କୁ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ସାହିମାନଙ୍କରେ ମଧ୍ୟ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସହ ଭୋଜିଭାତ ହୋଇଥିଲା।

# କିଣିକିଣା ପାହାଡ଼ରେ ନିଆଁ

ରାୟଗଡ଼ା,୧୭।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ଉପକଣ୍ଠରେ ଥିବା କିଣିକିଣା ପାହାଡ଼ରେ ନିଆଁ ଲାଗିଥିଲା। ଉତ୍କଳମଣିନଗରଠାରୁ ରାମକୃଷ୍ଣନଗର ପର୍ଯ୍ୟନ୍ତ ଥିବା ରାସ୍ତା ପାର୍ଶ୍ୱରେ ବନାଗ୍ନି ନଜରକୁ ଆସିଥିଲା। କେହି ଦୁର୍ବୃତ୍ତ ପାହାଡ଼ରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ତେବେ ଏ ନେଇ ବନ ବିଭାଗ ନିକଟରେ ସୂଚନା ନ ଥିଲା। ସ୍ଥାନୀୟ ଯୁବକ ତୁରନ୍ତ ଅଗ୍ନିଶମ ବିଭାଗକୁ ସୂଚନା ଦେବା ପରେ ଖବରପାଇ ଅଗ୍ନିଶମ ବାହିନୀ ଯବାନମାନେ ପହଞ୍ଚି ପାଣି ସିଞ୍ଚନ କରିଥିଲେ। ଏଥିସହ ସ୍ଥାନୀୟ ଯୁବକମାନେ ମଧ୍ୟ ନିଆଁ ଲିଭାଇବାରେ ସହାୟତା କରିଥିଲେ। ଦୀର୍ଘ ସମୟ ପାଣି ଢଳାଯିବା ପରେ ନିଆଁ ଲିଭିଥିଲା। ତେବେ କିଣିକିଣା ପାହାଡ଼ର ଉଭୟ ପାର୍ଶ୍ୱ ଜବରଦଖଲ ହୋଇଥିବା ଯୋଗୁ ସେମାନେ ନିଆଁ ଲଗାଇବା ସହିତ ଜଙ୍ଗଲ ସଫା କରୁଥିବା ଅଭିଯୋଗ ହୋଇଛି। ପ୍ରତିବର୍ଷ ଏହିଭଳି ନିଆଁ ସହର ଭିତରେ ଓ ଉପକଣ୍ଠରେ ଲାଗିବା ଯୋଗୁ ଖରାଦିନେ ଗରମ ବଢ଼ିବାରେ ଲାଗିଛି।



ଅଗ୍ନିଶମ ବିଭାଗ କର୍ମଚାରୀ ପାଇପ ଯୋଗେ ପାଣି ସିଞ୍ଚନ କରି ନିଆଁ ଲିଭାଉଛନ୍ତି।

# ଶିକ୍ଷଣ ଉପକରଣ ପ୍ରଦର୍ଶନ ମେଳା ଉଦ୍‌ଯାପିତ

ଟିକିରି,୧୭।୪
(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ସଦର ଓଡିଶା ଆଦର୍ଶ ବିଦ୍ୟାଳୟ ପରିସରରେ ବୁଧବାର ବ୍ଲକସ୍ତରୀୟ ଶିକ୍ଷଣ ଉପକରଣ ପ୍ରଦର୍ଶନ ମେଳା–୨୦୨୪ ଉଦ୍‌ଯାପିତ ହୋଇଯାଇଛି । ଓଡିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷା କୁଇନ ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାଶୀପୁର ଏବିଓ ତଥା ବିଆରସିସି କୁଳ ରଞ୍ଜନ ସୁନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ କାଶୀପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୦୨ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶ୍ରେଷ୍ଠ ପ୍ରକଳ୍ପ ଭାବେ ଝିରିଖାଲ ପ୍ରାଥମିକ ବିଦ୍ୟାଳୟର ସୁବାଷ ବେହେରା ପ୍ରଥମ, କାତିଖମନ ପ୍ରାଥମିକ ବିଦ୍ୟାଳୟର ସାନ୍ତୁନୁ କୁମାର ଦୋରା ଦ୍ୱିତୀୟ ଏବଂ ପୋଡାପୋଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗୋବିନ୍ଦ ଚନ୍ଦ୍ର ଝୋଡିଆଙ୍କୁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଅନ୍ୟ ଛାତ୍ରୀଛାତ୍ରଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଦୁର୍ଲଭ ସାଉଁତା, କମଳାକାନ୍ତ ପଟ୍ଟନାୟକ ଓ ଭେଙ୍କେଟ ରାଓ ପାତ୍ର ବିଚାରକ ଭାବେ ରହିଥିବାବେଳେ ମଞ୍ଚ ପରିଚାଳନା ଦାୟିତ୍ୱରେ ଅରୁଣ କୁମାର ନାଏକ, କ୍ରିତ୍ତିକେଶ୍ୱର ନାଏକ ଏବଂ ହୃଦାନନ୍ଦ ଦାସ ଅଧିକାରୀ ପ୍ରମୁଖ ରହିଥିଲେ । ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ବିଦ୍ୟାଧର ମାଝୀ ଓ ବ୍ଲକର ୧୮ଜଣ ସିଆରସିସି, ହେମନ୍ତ ମହାରଣା, ଲିପ୍ତ କେଶରୀ ବେହେରା, ତ୍ରିନାଥ ମାଝୀ, ପୁରୁଷୋତ୍ତମ ନାୟକ, କରୁଣାକର ନାଏକ, ବାବାଜୀ ରାଉତ,ଶ୍ରୀଦେବ ବିଡ଼ିକା, ତ୍ରିନାଥ କାଡ୍ରାକ,ଗୁରୁଧର ଖୋସଲା, ପୂର୍ଣ୍ଣଚନ୍ଦ୍ର ସାହୁ, ମହେନ୍ଦ୍ର ବାଘ, ଅରୁଣ କୁମାର ଆଚାର୍ଯ୍ୟ ଏବଂ ଅନ୍ୟ ଶିକ୍ଷକମାନେ ପ୍ରମୁଖ ଉପସ୍ଥିତ ଥିଲେ।




ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ବିଜେଡି ବାଇକ୍ ରାଲିରେ ଫସିଲା ଆମ୍ବୁଲାନ୍ସ

## ନିୟମ ଉଲ୍ଲଂଘନ ଅଭିଯୋଗ

ଗୁଣପୁର,୧୭।୪(ପ୍ରଦୀପ କୁମାର ପାଢୀ)

ନାମାଙ୍କନ ପତ୍ରଦାଖଲ ପୂର୍ବରୁ ବିଜେଡି ରାୟଗଡ଼ା ଜିଲା ଗୁଣପୁରରେ ବାଇକ୍ ଶୋଭାଯାତ୍ରା କରି ନିଜର ଶକ୍ତି ପ୍ରଦର୍ଶନ କରିଛି। ବିଧାୟକ ରଘୁନାଥ ଗମାଙ୍ଗଙ୍କ ନେତୃତ୍ୱରେ ଗୁଣପୁରରେ ବିଜେଡିର ଏକ ବିଶାଳ ବାଇକ୍ ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଥିଲା। ଶତାଧିକ କର୍ମୀ ବାଇକ୍ ଶୋଭାଯାତ୍ରାରେ ବାହାରିଥିଲେ। ଡିଜେ ସାଉଣ୍ଡ ସହ ବିଭିନ୍ନ ନାରାରେ ସହର ପ୍ରକମ୍ପିତ ହୋଇଉଠିଥିଲା। ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାର ଶୋଭାଯାତ୍ରା ସମୟରେ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ଏପରିକି ଶୋଭାଯାତ୍ରା ସମୟରେ ଆମ୍ବୁଲାନ୍ସକୁ ମଧ୍ୟ ରାସ୍ତା ମିଳି ନ ଥିଲା। ଫଳରେ ଆମ୍ବୁଲାନ୍ସ ୪ ଥାକିଆ ରାସ୍ତାର କ୍ରସିଂ ଛକ ତଥା ଷ୍ଟେଟ ବ୍ୟାଙ୍କ ଛକରେ ଅନ୍ୟ ରାସ୍ତା ଦେଇ ବେଆଇନ ରାସ୍ତାରେ ଯିବାକୁ ପଡ଼ିଥିଲା। ଶୋଭାଯାତ୍ରା ପାଇଁ ପ୍ରଶାସନର ଅନୁମତି ଥିଲା ନା ନାହିଁ, ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ବାଇକ୍‌ରେ ହେଲ୍‌ମେଟ ପିନ୍ଧିବା ପାଇଁ ବାଧ୍ୟତାମୂଳକ ରହିଥିବାବେଳେ କୌଣସି ନେତା କିମ୍ବା କର୍ମୀ ହେଲ୍‌ମେଟ ପିନ୍ଧିଥିବା ଦେଖିବାକୁ ମିଳି ନ ଥିଲା। ସେହିପରି ବାଇକଗୁଡିକର କାଗଜପତ୍ର ଦାଖଲକରି ଅନୁମତି ନେବା କଥା, ତାହା ମଧ୍ୟ ହୋଇ ନ ଥିବା ଜଣାପଡିଛି।

ଗୁଣପୁର ନିର୍ବାଚନମଣ୍ଡଳୀ ଅଧୀନ ବିଭିନ୍ନ ଅଞ୍ଚଳରୁ ଦଳୀୟ କର୍ମୀ ଏବଂ ନେତାମାନେ ଶୋଭାଯାତ୍ରାରେ ଉପସ୍ଥିତ ଥିଲେ। ନଗର ସଭାପତି ରାମଚନ୍ଦ୍ର ପଣ୍ଡା, ବ୍ଲକ୍ ସଭାପତି ଶ୍ରୀନିବାସ ଶତପଥୀ, ଛାତ୍ର ଯୁବ ନେତା ପିଙ୍କୁ ପଣ୍ଡାଙ୍କ ସମେତ ବହୁ ଦଳୀୟ ନେତା ଏବଂ କର୍ମୀ ଉପସ୍ଥିତ ଥିଲେ। ବାଇକ୍ ରାଲି ନେଇ ଅନୁମତି ମିଳିଥିଲା କି ନାହିଁ ସେ ସମ୍ପର୍କରେ ଗୁଣପୁର ଆଇଆଇସି ଉତ୍ତମ କୁମାର ସାହୁଙ୍କ ସହ ଯୋଗାଯୋଗ କରାଯିବାରୁ ଥାନା ତରଫରୁ କିଛି ଅସୁବିଧା ନାହିଁ ବୋଲି ଉପରିସ୍ଥ ଅଧିକାରୀଙ୍କୁ ମତାମତ ଦିଆଯାଇଥିଲା ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ। ତେବେ ଏହି ରାଲି ପାଇଁ ଅନୁମତି ଥିଲା ନା ନାହିଁ, ଯଦି ଅନୁମତି ଥିଲା ସମସ୍ତ ନୀତି ନିୟମ କାହିଁକି ପାଳନ ହେଲା ନାହିଁ ବୋଲି ପ୍ରଶ୍ନ ଉଠିଛି। ନିର୍ବାଚନ ଅଧିକାରୀମାନେ କ'ଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା।



ଗୁଣପୁରରେ ବିଜେଡିର ବାଇକ୍ ରାଲି ।

## ସଂକ୍ଷେପରେ

### ୪ ଲାଇନ ରାସ୍ତା ନିର୍ମାଣ ନେଇ ଉପଜିଲାପାଳଙ୍କ ସମୀକ୍ଷା

ଜୟପୁର,୧୭।୪ (ପବନ ପାଣିଗ୍ରାହୀ)– ଜୟପୁର ସହରରେ ୪ ଲାଇନ ରାସ୍ତା ନିର୍ମାଣ ନେଇ ବୁଧବାର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲାପାଳ ପ୍ରଭାତ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଲକ୍ଷ୍ମୀ ପଣ୍ଡା ଛକଠାରୁ ପଞ୍ଚାନନ ମନ୍ଦିର ଛକଯାଏ ୪ ଲାଇନ ରାସ୍ତା ହେବ । ୧୩ କୋଟି ବ୍ୟୟରେ ହେବାକୁ ଥିବା ଏହି ରାସ୍ତା ନିର୍ମାଣ ନେଇ ବୈଠକରେ ସମସ୍ତ ବିଭାଗର ଅଧିକାରୀମାନେ ଯୋଗଦେଇ ଆଲୋଚନା କରିଥିଲେ। ରାସ୍ତା ତିଆରି ନେଇ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଜାଗା ଚିହ୍ନଟ କରିସାରିଛି। ଉକ୍ତ ରାସ୍ତାରେ ସରକାରୀ ଜାଗା ଓ ଘରୋଇ ଜାଗା କେତେ ଅଛି ତାହାର ରିପୋର୍ଟ ୨ ଦିନ ଭିତରେ ଦେବାକୁ ବୈଠକରେ ତହସିଲଦାର ମୋନାଲିସା ଆଚାର୍ଯ୍ୟଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ରାସ୍ତା ନିର୍ମାଣରେ ଯେପରି ଜଗନ୍ନାଥ ସାଗର ସଙ୍କୁଚିତ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ କୁହାଯାଇଛି। ବୈଠକରେ ରାସ୍ତା ଓ ଗୃହ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ କ୍ଷୀରଧର ଖଣ୍ଡପାଣି, ଜୟପୁର ରେଞ୍ଜର ସଚ୍ଚିଦାନନ୍ଦ ପରିଡାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ନିର୍ବାଚନ ପ୍ରାର୍ଥିପତ୍ର ଦାଖଲ ନେଇ ପ୍ରଶାସନର ପ୍ରସ୍ତୁତି ଶେଷ

କୋରାପୁଟ,୧୭।୪(ଅମିତାଭ ବେହେରା ) ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ ଗୁରୁବାରଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏହି କାର୍ଯ୍ୟ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ସକାଳ ୧୧ଟାରୁ ଅପରାହ୍ନ ୩ ଘଣ୍ଟା ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ କରିପାରିବେ ବୋଲି ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ କହିଛନ୍ତି। ୨୬ରେ ପ୍ରାର୍ଥିପତ୍ର ଯାଞ୍ଚ, ୨୯ ତାରିଖ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାର, ୨୯ ତାରିଖ ଅପରାହ୍ନ ୩ଟାପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବାକୁ ସ୍ଥିର ହୋଇଛି।

### ବିଜେଡିର ବାଇକ୍ ଶୋଭାଯାତ୍ରା

ଦଶମନ୍ତପୁର, ୧୭।୪ (ଅରବିନ୍ଦ ନାୟକ)– କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ବୁଧବାର ବିଜେଡି ପକ୍ଷରୁ ଏକ ବିଶାଳ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ବିଜେଡି ଜିଲା ଉପସଭାପତି ନାରାୟଣ ବିଶୋୟୀଙ୍କ ତତ୍ତ୍ୱାବଧାନରେ ଏହି ଶୋଭାଯାତ୍ରା ଚନ୍ଦନ ଶ୍ରୀକ୍ଷେତ୍ର ମନ୍ଦିରରୁ ବାହାରି ସହର ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ଏବଂ ଦଶମନ୍ତପୁର ବ୍ଲକ ଅଧୀନରେ ଥିବା ୧୬ଟି ପଞ୍ଚାୟତରୁ ଦଳୀୟ ନେତା ଓ କର୍ମୀମାନେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଶୋଭାଯାତ୍ରାରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଭୁ ଜାନି, ବ୍ଲକ ଉପାଧ୍ୟକ୍ଷ ଅରୁଣ ଚେଙ୍ଗି, ଗୀତାଞ୍ଜଳି ପିଡ଼ିକା, ବରିଷ୍ଠ ବିଜେଡି କର୍ମୀ ଅନନ୍ତ ଖରା, ରାଜୁ ଜାନି, ଜିଲ୍ଲା ପରିଷଦ ସଭ୍ୟ ପଦ୍ମନାଭ ଜାନି, ମହେନ୍ଦ୍ର କୁଲଦୀପ, ବିଜେଡି ସମ୍ପାଦକ ସୁରେଶ ସୁବୁଦ୍ଧି, ପଞ୍ଚାୟତ ସଭାପତି ଚଣ୍ଡାଳ ସାଗରଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀମାନେ ସାମିଲ ହୋଇଥିଲେ। ଥାନା ଅଧିକାରୀ ସୁକୁମା ହାଁସଦାଙ୍କ ନେତୃତ୍ୱ ନେଇଥିଲେ।

# ରାମନବମୀ ପାଇଁ ଉତ୍ସବମୁଖର ସବୁ ଅଞ୍ଚଳ

**କୋରାପୁଟ/ଦଶମନ୍ତପୁର/ସୁନାବେଡା/ସେମିଳିଗୁଡା,ନନ୍ଦପୁର/ଦାମନଯୋଡି, ୧୭।୪ (ଅମିତାଭ ବେହେରା/ଅରବିନ୍ଦ ନାୟକ/କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ/ଶଙ୍କର ପୂଜାରୀ/ ମାନସ ରଞ୍ଜନ କର/ସନ୍ତୋଷ ପ୍ରହରାଜ)**




ରାମନବମୀ ଅବସରରେ କୋରାପୁଟ ଜିଲା ନନ୍ଦପୁର ଓ ସୁନାବେଡ଼ାରେ ବାହାରିଥିବା ଶୋଭାଯାତ୍ରା।

କୋରାପୁଟ ସଦର ମହକୁମା ସହ ବିଭିନ୍ନ ବ୍ଲକରେ ଶ୍ରୀରାମ ନବମୀ ଉତ୍ସବ ବୁଧବାର ମହାଆଡ଼ମ୍ବର ସହକାରରେ ପାଳିତ ହୋଇଛି। କୋରାପୁଟ ହିନ୍ଦୁ ସଙ୍ଗଠନ ପକ୍ଷରୁ ଅଶୋକନଗରସ୍ଥିତ ହନୁମାନ ବାଟିକାରୁ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରିବା ସହିତ ପୂଜାରିପୁଟ ଶ୍ରୀରାମ ମନ୍ଦିରଠାରେ ପହଞ୍ଚିଥିଲା। ଶତାଧିକ ସଂକୀର୍ତ୍ତନ ମଣ୍ଡଳୀ ସହ ପ୍ରାୟ ୨୦ ହଜାର ଶ୍ରଦ୍ଧାଳୁ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବହୁ ଶ୍ରଦ୍ଧାଳୁ ନିଜକୁ ପ୍ରଭୁ ଶ୍ରୀରାମ, ଭାଇ ଲକ୍ଷ୍ମଣ, ମାତା ସୀତା, ହନୁମାନ ବେଶରେ ସାମିଲ କରିଥିଲେ। ଜୟ ଶ୍ରୀରାମ ଧ୍ୱନିରେ ସହର ମୁଖରିତ ହୋଇଥିଲା। ଶୋଭାଯାତ୍ରାରେ ବହୁ ରାଜନୈତିକ ଦଳର ନେତା ସାମିଲ ହୋଇଥିବା ମଧ୍ୟ ଦେଖିବାକୁ ମିଳିଥିଲା।

ଦଶମନ୍ତପୁର ବ୍ଲକ ସଦର ମହକୁମାରେ ଏହି ଅବସରରେ ରାଧାକୃଷ୍ଣ ମନ୍ଦିର ଠାରୁ ଏକ ବାଇକ୍ ଶୋଭାଯାତ୍ରା ବାହାରିଥିଲା। କୀର୍ତ୍ତନ ଓ ରାମନାମ ଧ୍ୱନିରେ ଅଞ୍ଚଳ ମୁଖରିତ ହୋଇ ଉଠିଥିଲା। ଏଥିରେ ବଜେନ୍ଦ୍ର କଂସାରୀ, ଲକ୍ଷ୍ମଣ ବିଶୋୟୀ, ଗୌରୀ ଶଙ୍କର ବିଶୋୟୀ, ବାବୁଲି ନାୟକ, ଦିଲୀପ ବାଘ, ଅଭିରାମ ବଣ୍ଡୁଆ, ଚନ୍ଦ୍ରସେନ ଗରଡ଼ା, ଦେବରାଜ ପଟ୍ଟନାୟକଙ୍କ ସହ ଅନ୍ୟମାନେ ସାମିଲ ହୋଇ ପରିଚାଳନା କରିଥିଲେ।

ସୁନାବେଡା ଓ ସେମିଳିଗୁଡା ଅଞ୍ଚଳରେ ମଧ୍ୟ ମର୍ଯ୍ୟାଦାବନ୍ତ ପୁରୁଷୋତ୍ତମ ଶ୍ରୀରାମଙ୍କ ଜୟନ୍ତୀ ବା ରାମ ନବମୀ ପାଇଁ ଉକ୍ତ ଅଞ୍ଚଳ ଚଳଚଞ୍ଚଳ ହୋଇ ଉଠିଥିଲା। ସେମିଳିଗୁଡା ବସଷ୍ଟାଣ୍ଡ , ହାଲ ଟାଉନଶିପ, ୟୁ ଜୋନ ଓ ଡୁମୁରିପୁଟ ରାମ ମନ୍ଦିରରେ ପୂଜାର୍ଚ୍ଚନା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ବିଭିନ୍ନ ସ୍ଥାନରେ ହୋମ ଯଜ୍ଞ ଓ ପାରାୟଣ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସେମିଳିଗୁଡା ଶିବଶକ୍ତି ବଣିକ ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ଦାମନଯୋଡି ଛକରୁ ବାହାରିଥିଲା। ଏଥିରେ ସେମିଳିଗୁଡା, ସୁନାବେଡା, ଦାମନଯୋଡି ଓ ଏହାର ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ ରାମ ଭକ୍ତ ସାମିଲ ହୋଇଥିଲେ । ଏକ ସୁସଜ୍ଜିତ ରଥରେ ରାମାୟଣର ବିଭିନ୍ନ ଚରିତ୍ରର ବେଶ ଧାରଣ କରି କୁନିକୁନି ପିଲାମାନେ ସାରା ସହର ପରିକ୍ରମା କରିଥିଲେ।

ନନ୍ଦପୁର ରାମ ନାମରେ ମଧ୍ୟ ପ୍ରକମ୍ପିତ ହୋଇଥିଲା। ବହୁ ସଂଖକ ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସୀତାରାମଙ୍କ ବିବାହରେ କେ. ଆର୍ଜୁଙ୍କ ପରିବାର କନ୍ୟାପିତା ସାଜିଥିବା ବେଳେ ଲିଙ୍ଗରାଜ ଓ ଲୋକନାଥ ଚୌଧୁରୀ ଦମ୍ପତି ବର ପିତା ସାଜିଥିଲେ। ପୁରୋହିତ ଶର୍ମା ପାତ୍ରଲୁ ବିବାହ ବିଧି ସମ୍ପନ୍ନ କରିଥିଲେ। ମନ୍ଦିରରେ ନବମୀ ନୀତିକାନ୍ତି ପୂଜକ ଅନିଲ ପଣ୍ଡା ସମ୍ପନ୍ନ କରିଥିଲେ। ରାମସୀତାଙ୍କ ଯୁଗଳ ମୂର୍ତ୍ତିଙ୍କୁ ନେଇ ଏକ ଶୋଭାଯାତ୍ରା ନନ୍ଦପୁର ନଗର ପରିକ୍ରମା କରିଥିଲା। ଏସଡିପିଓ ସମ୍ବିତ ମାଝୀ, ଥାନାଧିକାରୀ ମମତା ପଣ୍ଡା, ଏସଆଇ ବେଦୋବର ସାହୁ ଓ ଦୀପ୍ତିମୟୀ ଧାରୁଆ ଶାନ୍ତିଶୃଙ୍ଖଳା ରକ୍ଷା ନେଇ ବ୍ୟବସ୍ଥା କରିଥିଲେ।

ଦାମନଯୋଡିରେ ଭକ୍ତିମୟ ପରିବେଶରେ ପାଳିତ ହୋଇଛି ଶ୍ରୀରାମନବମୀ ଉତ୍ସବ। ମହାବୀର ଯୁବକ ସଂଘ ଦାମନଯୋଡି ପକ୍ଷରୁ ଆୟୋଜିତ ଏହି ଶ୍ରୀରାମନବମୀ ଉତ୍ସବ ଅବସରରେ ମାଥାଲପୁଟ ହାଟପଦାଠାରୁ ଅପରାହ୍ନରେ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପ୍ରଭୁ ଶ୍ରୀରାମ ଓ ହନୁମାନଙ୍କ ମୃଣ୍ମୟ ମୂର୍ତ୍ତିକୁ ଏକ ସୁସଜ୍ଜିତ ଗାଡ଼ିରେ ସ୍ଥାପନ କରି ଶ୍ରଦ୍ଧାଳୁମାନେ ହାଟପଦାଠାରୁ ନାଲ୍‌କୋ ବିସ୍ଥାପିତ ଅଁଳାବାଡି କଲୋନୀ, ମାଥାଲପୁଟ ବଜାର,ବସଷ୍ଟାଣ୍ଡ, ଭେଜାପୁଟ ସତସଙ୍ଗ ଅଞ୍ଚଳ ପରିକ୍ରମା କରି ନାଲକୋ ଟାଉନସିପ ସେକ୍ଟର–୧ ସ୍ଥିତ ମାରୁତି ମଣ୍ଡପଠାରେ ପହଞ୍ଚିଥିଲେ। ଛୋଟ ପିଲାମାନେ ରାମ,ଲକ୍ଷ୍ମଣ,ସୀତା ହନୁମାନ ଆଦି ବେଶରେ ସଜ୍ଜିତ ହୋଇଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଅଞ୍ଚଳରୁ ବଜରଙ୍ଗଦଳ,ବିଶ୍ୱହିନ୍ଦୁ ପରିଷଦର ସଦସ୍ୟମାନଙ୍କ ସମେତ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏସଡିପିଓ ମନୋବ୍ରତା ଶତପଥୀଙ୍କ ତତ୍ତ୍ୱାବଧାନରେ ପୋଲିସ ମୁତୟନ ହୋଇଥିଲେ।

କୁନ୍ଦୁରା ବ୍ଲକରେ ମଧ୍ୟ ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ ଉତ୍ସବ ପାଳନ ହୋଇଛି। ଏନେଇ ଜୁବାପାତ୍ରପୁଟ ଶ୍ରୀରାମଙ୍କ ମନ୍ଦିରଠାରୁ ଶ୍ରଦ୍ଧାଳୁଙ୍କ ବାଇକ ଶୋଭାଯାତ୍ରା ସହର ପରିକ୍ରମା କରିଛି। ଶ୍ରୀରାମ ମନ୍ଦିର, ଜଗନ୍ନାଥ ମନ୍ଦିର ଏବଂ ଲକ୍ଷ୍ମୀ ନାରାୟଣ ମନ୍ଦିରରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମ ଦେଖିବାକୁ ମିଳିଥିଲା।

# ପୁଟ୍ରାଘାଟି ଠାକୁରାଣୀ ଯାତ୍ରା ଉଦ୍‌ଯାପିତ



ମା'ଙ୍କଘଟକୁ ଗ୍ରାମ ପରିକ୍ରମା କରାଯାଉଛି।

**ଦାମନଯୋଡ଼ି,୧୭।୪ (ମାନସ ରଞ୍ଜନ କର)**

■ଶହେ ବର୍ଷ ଧରି ପ୍ରତିବର୍ଷ ମହାବିଷୁବ ସଂକ୍ରାନ୍ତିରୁ ଯାତ୍ରା ହୋଇଆସୁଛି

■ମା'ଙ୍କୁ ଆରାଧନାକରି ଗ୍ରାମବାସୀ ପାଳିଲେ ଆମ୍ବପର୍ବ

ଦାମନଯୋଡ଼ି ଉପକଣ୍ଠ ପୁଟ୍ରାଘାଟି ଗ୍ରାମରେ ଚାଲିଥିବା ମା'ନୀଳାବାଡି ଠାକୁରାଣୀ ଯାତ୍ରା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୩ଦିନ ଧରି ଚାଲିଥିବା ମା'ଙ୍କ ଏହି ଯାତ୍ରା ପାଇଁ ରବିବାର ସନ୍ଧ୍ୟାରେ ମା'ଙ୍କ ମୁଖ୍ୟ ମନ୍ଦିରରେ ପୂଜାର୍ଚ୍ଚନା ସହ ବାଜାବାଜଣାରେ ମା'ଙ୍କ ଘଟ, ଖଣ୍ଡା ଆଦିକୁ ଗ୍ରାମର ପୂଜାମଣ୍ଡପକୁ ଅଣାଯାଇଥିଲା। ସୋମବାର ପୂଜାମଣ୍ଡପରେ ମା'ଙ୍କୁ ଆରାଧନା କରି ଗ୍ରାମବାସୀ ପାରମ୍ପରିକ ନୂଆଖାଇ ଆମ୍ବପର୍ବ ପାଳନ କରିଥିଲେ। ମଙ୍ଗଳବାର ମା'ଙ୍କ ଘଟ, ଖଣ୍ଡା ଆଦିକୁ ମୁଣ୍ଡାଇ ନଗର ପରିକ୍ରମା କରାଯିବା ପରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ଜଳନ୍ତା ଅଗ୍ନିରେ ଖାଲି ପାଦରେ ଚାଲିବା ସହ କଣ୍ଟାଦୋଳି, ଖଣ୍ଡା ଖେଳ ଆଦି ହୋଇଥିଲା। ବିଗତ ଶହେ ବର୍ଷ ଧରି ପ୍ରତିବର୍ଷ ମହାବିଷୁବ ସଂକ୍ରାନ୍ତିରୁ ଏହି ଯାତ୍ରା ଆରମ୍ଭ ହୋଇ ଆସୁଛି। ମା'ଙ୍କ ଏହି ପୂଜାକଲେ ଗ୍ରାମରେ ସୁଖ ସମୃଦ୍ଧି ଲାଭ ହେବା ସହ ଦୁଃଖ, କ୍ଳେଶ ରୋଗ ଭୟ ଆଦି ଦୂର ହୋଇଥାଏ ବୋଲି ଗ୍ରାମବାସୀଙ୍କ ବିଶ୍ୱାସ ରହିଛି। ଯାତ୍ରାରେ ପୂଜକ ବିଶ୍ୱନାଥ ଚୌଧୁରୀ ପୂଜାର୍ଚ୍ଚନା କରିଥିଲେ। କେଶବ ଚୌଧୁରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସେହିପରି ଭଗବାନ ଚୌଧୁରୀ,ଖଗେଶ୍ୱର ଚୌଧୁରୀ, ଜଳନ୍ଧର ଚୌଧୁରୀ, ଭକ୍ତହରି ଚୌଧୁରୀ, ରାମ ନାୟକ, ଉଦୟନାଥ ସାହୁ ଘଟକ ଭାବେ ମା'ଙ୍କ ଘଟକୁ ମୁଣ୍ଡରେ ଧରି ଗ୍ରାମ ଓ ନଗର ପରିକ୍ରମା କରିଥିଲେ। ଯାତ୍ରା କାର୍ଯ୍ୟକ୍ରମକୁ ଗ୍ରାମ କମିଟି ସଭାପତି ଚିତ୍ରସେନ ଚୌଧୁରୀଙ୍କ ସହ ନାରାୟଣ ଖୋରା, ମହେନ୍ଦ୍ର ମୁଦୁଲି, ଶକ୍ତି ସାହୁ, ଶରତ ଚୌଧୁରୀ, ଗୋପୀ ଜାନି, ନବ ଜାନି, ମକର ଚୌଧୁରୀ, ଭରତ ଚୌଧୁରୀ ଓ ୱାର୍ଡମେମ୍ବର ବୃନ୍ଦାବନ ଚୌଧୁରୀ ପରିଚାଳନା କରିଥିଲେ। ରାତିରେ ନବରଙ୍ଗପୁର ଜିଲା ଉମରକୋଟରୁ ଆସିଥିବା ଯାତ୍ରାଦଳ ନାଟକ ପରିବେଷଣ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲେ।

# ଜୟପୁରରେ ଆନନ୍ଦ ଉଲ୍ଲାସରେ ଶ୍ରୀରାମ ନବମୀ

**ଜୟପୁର,୧୭।୪ (ପବନ ପାଣିଗ୍ରାହୀ)**



ଜୟପୁରରେ ବାହାରିଥିବା ଶୋଭାଯାତ୍ରା।

କୋରାପୁଟ ଜିଲା ଜୟପୁରରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି ଶ୍ରୀରାମ ନବମୀ। ସକାଳୁ ରାଜନଅରସ୍ଥିତ ରଘୁନାଥ ମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଏଠାରେ ୯ ଦିନ ଧରି ପୂଜାପାଠ ଓ ହୋମ ଯଜ୍ଞ ହେବ ବୋଲି ମୁଖ୍ୟ ପୁରୋହିତ ବଂଶୀଧର ପଣ୍ଡା କହିଛନ୍ତି। ବୁଧବାର ରାମନବମୀ ଅବସରରେ ପ୍ରଭୁ ଶ୍ରୀରାମଙ୍କ ବିଶେଷ ପୂଜା, ହୋମ ସହ ଜନ୍ମବିଧି ପାଳନ ହୋଇଥିବା କୃଷ୍ଣଚନ୍ଦ୍ର ଦାସ କହିଛନ୍ତି । ସେହିପରି ଜୟପୁର ଜଗନ୍ନାଥ ମନ୍ଦିରରେ ଶ୍ରୀହରି ସଂଘ ସେବା ସମିତି ପକ୍ଷରୁ ଅଷ୍ଟପ୍ରହର ନାମଯଜ୍ଞ ହୋଇଥିଲା। ଜୟପୁର କଣ୍ଡରାସାହିସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିରରେ ଲକ୍ଷ୍ମୀନୃସିଂହଙ୍କୁ ରାମ ଅବତାରରେ ସଜ୍ଜିତ କରାଯାଇଥିବା ପୁରୋହିତ ସୁନୀଲ ଆଚାର୍ଯ୍ୟ କହିଛନ୍ତି । ଶରଦାବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାମନବମୀ ଉତ୍ସବ ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ସୁଶାନ୍ତ ଅଧିକାରୀ, ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ କିଶୋର ଚନ୍ଦ୍ର ପଣ୍ଡା, ସଦସ୍ୟା ଅମ୍ବିକା ନାୟକ ଏବଂ ଶିଶିର ଚନ୍ଦ୍ର ଦାଶ ଉପସ୍ଥିତ ଥିଲେ।

## ରାମନବମୀ ଅବସରରେ ଯୁବଗୋଷ୍ଠୀଙ୍କ ବାଇକ୍ ରାଲି | ପ୍ରଚାରର ସୁଯୋଗ ନେବାକୁ ପ୍ରାର୍ଥୀଙ୍କ ପ୍ରୟାସ

**ପଟ୍ଟାଙ୍ଗି,୧୭।୪(ଶରତ ଧଳ)**

ସାରା ରାଜ୍ୟରେ ରାମନବମୀ ଉତ୍ସବ ବୁଧବାର ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି। ଏନେଇ ରାମମନ୍ଦିର ଓ ହନୁମାନ ମନ୍ଦିରଗୁଡିକ ଉତ୍ସବ ମୁଖର ହୋଇପଡିଛି। ପଟ୍ଟାଙ୍ଗିରେ ଏହି ଅବସରରେ ଯୁବଗୋଷ୍ଠୀଙ୍କ ପକ୍ଷରୁ ଏକ ବାଇକ୍ ରାଲି ବାହାରି ଶ୍ରୀରାମଙ୍କ ନାମ ନେଇ ବିଭିନ୍ନ ସାହି ଓ ଗ୍ରାମ ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମ ବେଳେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକର ସମର୍ଥକମାନେ ଶ୍ରେୟ ନେବାକୁ ପଛେଇ ନ ଥିଲେ। ଖବରରୁ ଜଣାପଡିଛି, ସ୍ଥାନୀୟ ଯୁବଗୋଷ୍ଠୀଙ୍କ ପକ୍ଷରୁ ଏକ ବାଇକ୍ ରାଲି ଆୟୋଜିତ ହୋଇଥିଲା। ମନ୍ଦିର ନିକଟରୁ ଏକ ବିଶାଳ ବାଇକ୍ ରାଲି ସମସ୍ତ ସାହି ପରିକ୍ରମା କରିବା ପରେ କୁନ୍ଦୁଲି ହାଟପଦାରେ ପହଞ୍ଚିଥିଲା। ପରେ ଏହା ମାଳିମାର୍ଲା, ଥୁରିଆ ଗ୍ରାମ ଦେଇ କୋଟିଆ ପଞ୍ଚାୟତରେ ପହଞ୍ଚିଥିଲା। ଏଠାରୁ ରାଲି ଉପରସେମ୍ଳି, ଧୂଳିପଦର, ନେରିଡିବାଲସା, ତାଡିବାଲସା ଗ୍ରାମ ପରିକ୍ରମା କରି ନୂଆଗାଁ ପଞ୍ଚାୟତର ଗାଲିଗାବଡାର ହୋଇ ପଟ୍ଟାଙ୍ଗିରେ ପହଞ୍ଚିଥିଲା। । ଏହି ସମୟରେ ରାଜନୈତିକ ଦଳର ବିଧାୟକ ପ୍ରାର୍ଥୀଙ୍କ ସମର୍ଥକମାନେ ଉକ୍ତ କାର୍ଯ୍ୟକ୍ରମର ଶ୍ରେୟ ନେବାକୁ ଉଦ୍ୟମ କରିଥିଲେ। ଉକ୍ତ ରାଲିରେ ବିଜେଡିର ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ପାଙ୍ଗି ଓ ଭାଜପାର ଚୈତନ୍ୟ ନନ୍ଦିବାଲି ଯୋଗ ଦେଇଥିଲେ। ତେବେ ରାଲିରେ ସେମାନଙ୍କ ଯୋଗଦାନକୁ ନେଇ ଯୁବଗୋଷ୍ଠୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

# ୩ ମାସ ତଳେ ମଞ୍ଜୁର ସତ୍ତ୍ୱେ ବୃଦ୍ଧଙ୍କୁ ମିଳୁନି ଭତ୍ତା

## ଭତ୍ତା ମଞ୍ଜୁର ସତ୍ତ୍ୱେ ଦୌଡାଉଛନ୍ତି ଅଧିକାରୀ

**ବୈପାରିଗୁଡା,୧୭।୪ (କଳ୍ପତରୁ ମହାନ୍ତି)**




ଦାସ ଖରା ଏବଂ ଭତ୍ତା ମଞ୍ଜୁର ସମ୍ପର୍କିତ ପତ୍ର।

ଜଣେ ୭୦ ବର୍ଷୀୟ ବୃଦ୍ଧଙ୍କ ୩ ମାସ ତଳେ ତାଙ୍କ ବାର୍ଦ୍ଧକ୍ୟ ଭତ୍ତା ମଞ୍ଜୁର ହୋଇଥିବା ସତ୍ତ୍ୱେ କୋରାପୁଟ ଜିଲା ବୈପାରିଗୁଡା ବ୍ଲକରେ ତାଙ୍କୁ ଭତ୍ତା ମିଳୁନି। ଏନେଇ ସେ ପଞ୍ଚାୟତ କାର୍ଯ୍ୟାଳୟକୁ ବାରମ୍ବାର ଦୌଡି ନିରାଶ ହୋଇଛନ୍ତି। ସେହେଲେ ବୈପାରିଗୁଡା ବ୍ଲକ ଦୋରାଗୁଡା ପଞ୍ଚାୟତ ଅଙ୍ଗାଳଗୁଡା ଗ୍ରାମର ଦାସଖରା (୭୦) । ଖରାଙ୍କୁ ନୂତନ ଭାବେ ଗତ ଫେବୃଆରୀ ମାସରୁ ଭତ୍ତା ମଞ୍ଜୁର ହେଲାଣି । ସେ ଖବର ପାଇ ଗତ ମାର୍ଚ୍ଚ ୧୫ ତାରିଖରେ ଭତ୍ତା ଆଣିବାକୁ ଘରଠାରୁ ୫ କି.ମି. ଦୂର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ମାତ୍ର ପଞ୍ଚାୟତ ନିର୍ବାହି ଅଧିକାରୀ (ପିଇଓ)ଶିରିଶ ନାୟକ ତାଙ୍କୁ ଭତ୍ତା ତାଲିକାରେ ନାଁ ନ ଥିବା କହି ଫେରାଇ ଦେଇଥିଲେ। ପରେ ସେହି ମାସ ୨୧ ତାରିଖ ଦିନ ଖରା ବ୍ଲକ ଅଫିସକୁ ଏ ସଂକ୍ରାନ୍ତରେ ବୁଝିବାକୁ ଆସିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାର୍ତ୍ତିକ ପାଢୀ ତାଙ୍କୁ ଭତ୍ତା ମଞ୍ଜୁର ହୋଇଥିବା କହି ସମ୍ପୃକ୍ତ ପିଇଓ ନାୟକଙ୍କୁ ଖରାଙ୍କ ଭତ୍ତାକାର୍ଡ ପ୍ରଦନା କରିବାସହ ତୁରନ୍ତ ତାଙ୍କୁ ଭତ୍ତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ସମ୍ପୃକ୍ତ ପିଇଓ ନାୟକ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ। ପୁନଶ୍ଚ ଭତ୍ତା ପ୍ରଦାନ ଦିବସ ଏପ୍ରିଲ୍ ୧୫ ତାରିଖ ଦିନ ଖରା ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ପାଇଁ ଯାଇଥିବାବେଳେ ସମ୍ପୃକ୍ତ ପିଇଓ ଜଣକ ପୁଣି ଥରେ ତାଲିକାରେ ତାଙ୍କ ନାଁ ନ ଥିବା ଦର୍ଶାଇ ଖରାଙ୍କୁ ଫେରାଇ ଦେଇଥିଲେ। ଖରା ବୁଧବାର ଆଉଥରେ ୧୨ କି.ମି. ଦୂର ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ମାତ୍ର ଛୁଟି ଥିବାରୁ ସେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଭେଟିପାରି ନ ଥିଲେ। ବୃଦ୍ଧଙ୍କ ଖରାଙ୍କଠାରୁ ଅଭିଯୋଗ ପାଇବା ପରେ ସମ୍ପୃକ୍ତ ପିଇଓ ନାୟକଙ୍କୁ ଯୋଗାଯୋଗ କରାଯାଇଥିଲା। ତେବେ ଭତ୍ତା ପାଇଁ ତାଙ୍କୁ ଗୁରୁବାର ପଞ୍ଚାୟତ ଅଫିସକୁ ଯିବା ପାଇଁ ସେ ପୂର୍ବପରି କହିଥିଲେ। ତାଙ୍କୁ ତୁରନ୍ତ ଭତ୍ତା ପ୍ରଦାନ ସହ ଏଥିରେ ବିଳମ୍ବ କରିଥିବା ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ସାଧାରଣରେ ଦାବି ହେଉଛି।

# ନିର୍ବାଚନ ମହାପର୍ବରେ ସାମିଲ ହୋଇ ମତଦାନ ସାବ୍ୟସ୍ତ କରିବାକୁ ଆହ୍ୱାନ

## ଭୋଟରଙ୍କୁ ସଚେତନ ପାଇଁ ପ୍ରୟାସ

**ସୁନାବେଡ଼ା/କୋରାପୁଟ,୧୭।୪ (କୃତ୍ତିବାସ ପ୍ରଧାନ/ଅମିତାଭ ବେହେରା)**




ୱାକାଥନରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

କୋରାପୁଟ ଜିଲାରେ ଆସନ୍ତା ମେ ୧୩ରେ ସାଧାରଣ ନିର୍ବାଚନ । ଗଣତନ୍ତ୍ରର ଏହି ମହାପର୍ବରେ ନିଜ ମତଦାନ କରି ଏଥିରେ ସାମିଲ ହେବାକୁ ଜିଲା ପ୍ରଶାସନ ପକ୍ଷରୁ ସୁନାବେଡ଼ା ପୌର ପରିଷଦ ହାଲ୍ ସହରାଞ୍ଚଳରେ ଏକ ଭୋଟର ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । ଭୋଟ ଦେଇ ନିଜର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବା ନାଗରିକମାନଙ୍କ କର୍ତ୍ତବ୍ୟ। ଏହି ବାର୍ତ୍ତା ନେଇ ସୁନାବେଡ଼ା ମହିଳା ମହାବିଦ୍ୟାଳୟ ଓ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ରଙ୍କୁ ନେଇ ଏକ ରାଲି ବୁଧବାର ଅନୁଷ୍ଠିତ ହୋଇଥିଲା। ଛାତ୍ରୀଛାତ୍ରମାନେ ହାତରେ ପୋଷ୍ଟର ଓ ବ୍ୟାନର ଧରି ହାଲ୍ ଟାଉନଶିପ ମୁଖ୍ୟ ଗେଟ୍‌ଠାରୁ ବିଭିନ୍ନ ସଚେତନତାମୂଳକ ସ୍ଲୋଗାନ ଦେଇ ଟାଉନଶିପ ଅଞ୍ଚଳ ପରିକ୍ରମା କରିଥିଲେ । ପରେ ଏହା ୱାକାଥନ ୱାଇ ଜୋନ୍ ଗେଟ୍ ନିକଟରେ ଶେଷ ହୋଇଥିଲା। ଆଗାମୀ ନିର୍ବାଚନରେ ସମସ୍ତ ଭୋଟର ନିଜକୁ ନିର୍ବାଚନ ମହାପର୍ବରେ ସାମିଲ ହୋଇ ଉପଯୁକ୍ତ ପ୍ରାର୍ଥୀ ଚୟନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। ୱାକାଥନରେ ଛାତ୍ରୀଛାତ୍ରଙ୍କ ସହିତ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ, ଉପଜିଲାପାଳ ବେଣୁଧର ଶବର ,କୋରାପୁଟ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଦେବୀପ୍ରସାଦ ଟାଲି, ସେମିଳିଗୁଡ଼ା ତହସିଲଦାର ଦେବବ୍ରତ କରାଟେ, ସେମିଳିଗୁଡ଼ା ବିଡିଓ ଜସ୍ମିନ ପ୍ରଧାନ, କୋରାପୁଟ ବିଡିଓ ଦେବାଶିଷ ଗୌଡ଼ , ସୁନାବେଡ଼ା ପୌର ନିର୍ବାହୀ ଅଧିକାରୀ ନାରାୟଣ ନାୟକ ସାମିଲ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର, ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, ହାଲ୍ ମାନବ ସମ୍ବଳ ବିକାଶ ବିଭାଗ ମୁଖ୍ୟ ପରିଚାଳନା ଅଧିକାରୀ ଡି.ପି. ୱାକେଡକର, ପରିଚାଳନା ଅଧିକାରୀ ସ୍ମିତା ମହାପାତ୍ର,ହାଲ୍‌ସୁରକ୍ଷା ବିଭାଗ ପରିଚାଳନା ଅଧିକାରୀ ସୁରେଶ ଜୋସେଫ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଘର ଘର ବୁଲି ପୂଜା ପାଉଛନ୍ତି ମା' ଖମ୍ବେଶ୍ୱରୀ

**ଦଶମନ୍ତପୁର,୧୭।୪ (ଅରବିନ୍ଦ ନାୟକ)**

କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକରେ ପ୍ରତିବର୍ଷ ଚୈତ୍ରମାସ ଶୁକ୍ଳପକ୍ଷ ତିଥିରେ ମା' ଖମ୍ବେଶ୍ୱରୀଙ୍କ ପ୍ରସିଦ୍ଧ ଘଣ୍ଟ ଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଯାତ୍ରା ୫ ଦିନ ଧରି ଚାଲିବ। ଏହି ଅବସରରେ ଘରକୁ ଘର ବୁଲି ମାଁ ଖମ୍ବେଶ୍ୱରୀ ପୂଜା ପାଉଛନ୍ତି। ମାଁଙ୍କ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ଯାତ୍ରାରେ ମାନସିକ ପୂରଣ ହୋଇଥିବା ଶ୍ରଦ୍ଧାଳୁମାନଙ୍କ ପୂଜାର୍ଚ୍ଚନା ଦେଖିବାକୁ ମିଳିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ, ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ପୂଜା କମିଟି ସ୍ୱେଚ୍ଛାସେବୀମାନେ ସହଯୋଗ କରୁଛନ୍ତି ବୋଲି କମିଟି ସଭାପତି ଦେବରାଜ ପଟ୍ଟନାୟକ, ଚନ୍ଦ୍ରସେନ ଗରଡ଼ା, ଶୈଳେଶ ଏସ୍. ଖଡିଆର, କୃପା ରାୟ, ଅଭିରାମ ବାଣୁଆ, ଦିଲୀପ ବାଘ ପ୍ରମୁଖ ପ୍ରକାଶ କରିଛନ୍ତି। ୫ ଦିନ ଯାତ୍ରା ପରେ ମା' ଘାସିପଦର ଗ୍ରାମସ୍ଥିତ ତାଙ୍କ ପୀଠକୁ ଫେରିବେ ବୋଲି ଜଣାପଡିଛି।

# ବିଜେଡି ଛାଡ଼ି ଭାଜପାରେ ଯୋଗଦେଲେ ପ୍ରହଲ୍ଲାଦ



ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ରାଜ୍ୟ ନେତୃତ୍ୱଙ୍କ ଉପସ୍ଥିତିରେ ପୂର୍ବତନ ପୌର ଅଧକ୍ଷ ପ୍ରହଲ୍ଲାଦ ତ୍ରିପାଠୀ ଭାଜପାରେ ଯୋଗ ଦେଉଛନ୍ତି।

**ନବରଙ୍ଗପୁର,୧୭।୪(ସଦାଶିବ ପ୍ରହରାଜ)**

ପୂର୍ବତନ ବିଜେଡି ସଭାପତି ତଥା ପୂର୍ବତନ ପୌର ଅଧକ୍ଷ ପ୍ରହଲ୍ଲାଦ ତ୍ରିପାଠୀ ବୁଧବାର ଦଳ ଛାଡ଼ି ଭାଜପାରେ ମିଶିଛନ୍ତି। ବିଜେଡି ପକ୍ଷରୁ ତାଙ୍କୁ ଅଣଦେଖା କରାଯାଉଥିବାରୁ ସେ ଦଳ ଛାଡ଼ି ଭାଜପାରେ ସାମିଲ ହୋଇଥିବା କହିଛନ୍ତି। ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ପୂର୍ବତନ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ପ୍ରହଲ୍ଲାଦ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ପ୍ରହଲ୍ଲାଦ ଭାଜପାରେ ମିଶିବା ପରେ ନବରଙ୍ଗପୁର ଜିଲାରେ ରାଜନୈତିକ ଉଷ୍ମତା ବଢିବାରେ ଲାଗିଛି। ସୂଚନାଥାଉକି, ପ୍ରହଲ୍ଲାଦ ନବରଙ୍ଗପୁର ବିଜେଡି ପ୍ରାର୍ଥୀ ପରିବର୍ତ୍ତନ ଦାବିକରି ପଞ୍ଚାୟତ ଓ ବ୍ଲକସ୍ତରୀୟ ଅନେକ ଅସନ୍ତୁଷ୍ଟ ବିଜେଡି ନେତାଙ୍କୁ ନେଇ ଗତ ଦିନରେ ବୈଠକ କରି ନବରଙ୍ଗପୁର ବିଧାୟକଙ୍କୁ ଖୋଲା ଚ୍ୟାଲେଞ୍ଜ କରିଥିଲେ । ପ୍ରହଲ୍ଲାଦ ବିଜେଡିରେ ଥିବା ବେଳେ ୩ ଥର ପୌର ଅଧକ୍ଷ ଓ ଥରେ ଉପାଧକ୍ଷ ଭାବେ ବିଜୟୀ ହୋଇଥିଲେ। ହେଲେ ଚଳିତ ଥର ତାଙ୍କୁ ବିଜେଡି ଅଣଦେଖା କରିବା ଯୋଗୁ ଦଳ ନବରଙ୍ଗପୁର ପୌରାଞ୍ଚଳ ଅଧକ୍ଷ ପଦ ହରାଇଥିବା ପ୍ରହଲ୍ଲାଦ ଅଭିଯୋଗ କରିଛନ୍ତି। ତେବେ ଆଗକୁ ନିର୍ବାଚନ ଥିବାରୁ ଜଣେ ଟାଣୁଆ ନେତା ଓ ସଙ୍ଗଠକ ଦଳ ଛାଡ଼ି ଭାଜପାରେ ଯୋଗଦେଇଥିବାରୁ ତାହା ନବରଙ୍ଗପୁର ବିଜେଡି ପ୍ରାର୍ଥୀଙ୍କ ପାଇଁ ଅଡୁଆ ସୃଷ୍ଟି କରିବା ଯଥେଷ୍ଟ ସମ୍ଭାବନା ରହିଛି । ଅନ୍ୟପକ୍ଷରେ ଗତ ଦିନରେ ପ୍ରହଲ୍ଲାଦଙ୍କୁ ବିରୋଧ କରୁଥିବା ଭଜାପା ନେତା ଦଳ ଭିତରେ ରହିବେ ନାଁ ଦଳ ଛାଡ଼ି ଅନ୍ୟ ଦଳ କଥା ଚିନ୍ତା କରିବେ ତାହା ଭୋଟରଙ୍କ ମଧ୍ୟରେ ଆଉ ଏକ ପ୍ରଶ୍ନ ଉଙ୍କି ମାରୁଛି ।

# ପ୍ରବାଦ ପୁରୁଷ ବିଜୁବାବୁଙ୍କ ତିରୋଧାନ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

**ନବରଙ୍ଗପୁର/ଡାବୁଗାଁ, ୧୭।୪ (ସଦାଶିବ ପ୍ରହରାଜ/ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ସହରର ମାଝିଗୁଡା ଛକସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ୨୭ ତମ ତିରୋଧାନ ଦିବସ ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି । ଏମ୍‌ପି ପ୍ରାର୍ଥି ପ୍ରଦୀପ ମାଝୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ନବରଙ୍ଗପୁର ବିଧାୟକ ପ୍ରାର୍ଥିନୀ କୌଶଲ୍ୟା ପ୍ରଧାନୀ ଜିଲା ପର୍ଯ୍ୟବେକ୍ଷକ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ବିଜୁ ବାବୁଙ୍କ ଆଦର୍ଶ ଓ ରାଜନୈତିକ ଜୀବନ ଉପରେ ଆଲୋକପାତ କରିଥିଲେ । ପୌର ପରିଷଦ ଉପାଧକ୍ଷା ସୌମ୍ୟା ମହାପାତ୍ର, ନଗର ସଭାପତି ପ୍ରମୋଦ ରଥ, ଜିଲା ଉପସଭାପତି ରବି ପଟ୍ଟନାୟକ, ଅବିଭକ୍ତ କୋରାପୁଟ ଜିଲା ଯୁବ ଜୋନ ସଭାପତି ତାପସ ତ୍ରିପାଠୀ, ଛାତ୍ର ରାଜ୍ୟ କାର୍ଯକାରୀ ସଭାପତି ପ୍ରଶାନ୍ତ ପଣ୍ଡା, ସାଧାରଣ ସମ୍ପାଦକ ଆଶିଷ ପଟ୍ଟନାୟକ, ସଂପାଦକ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ଭୀମ ହରିଜନ, ସରୋଜ ପାତ୍ର ,ଉତ୍ତମ ତ୍ରିପାଠୀ, ସୁମିତ ପୁଜାରୀ, ବାବୁଲି ମିଶ୍ର, ଲକି ଭତ୍ରା, ସୁନିଲ ସାହୁ, ଦୟା ବିଷୟୀ, ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, କୁନା ପାଢି, ବେଦବ୍ୟାସ ଭତ୍ରା, କୁନା ପଣ୍ଡା, ଲାଲୁ ତ୍ରିପାଠୀ,ସୁମିତ ପାଳ, ସୂର୍ଯ୍ୟକାନ୍ତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଏକ ମୋଟର ସାଇକେଲ ରାଲି ବାହାରି ସହର ପରିକ୍ରମା କରିବା ପରେ ସାଇ କଲ୍ୟାଣ ମଣ୍ଡପଠାରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ସଭାରେ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଓ ନବରଙ୍ଗପୁର ବିଧାୟକ ପ୍ରାର୍ଥିନୀ କୌଶଲ୍ୟା ପ୍ରଧାନୀ ଯୋଗଦେଇ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ ।

ସେହିପରି ଡାବୁଗାଁ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ବିଜେଡି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି । ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଧୂପଦୀପ ପ୍ରଜ୍ୱଳନ କରାଯାଇ ବିଜୁବାବୁଙ୍କ ଦିବ୍ୟଜୀବନର ଆଦର୍ଶମୟ ଗାଥା କହିବା ସହ ତାଙ୍କ ରାଜନୈତିକ ଜୀବନ ଉପରେ ଆଲୋଚନା କରିଥିଲେ । ଦଳରେ ଯାହା ବି ଶତ୍ରୁତା ରହିଛି, ସେ ସବୁକୁ ଭୁଲି ଏକ ମନ ଏକ ପ୍ରାଣ ହୋଇ ରାଜନୈତିକ ମନୋଭାବ ପୋଷଣ କରି ଘରେ ଘରେ ପ୍ରଚାର ଜାରି ରଖି ଶଙ୍ଖ ଚିହ୍ନରେ ବିଧାୟକ ପ୍ରାର୍ଥୀ ମନୋହର ରନ୍ଧାରୀ ଓ ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝିଙ୍କୁ ଭୋଟ ଦେଇ ବିପୁଳ ସଂଖ୍ୟାରେ ଜୟଯୁକ୍ତ କରିବା ପାଇଁ ପରାମର୍ଶ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ଏମ୍. ଆପ୍ପାରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ପୂର୍ବତନ ବିଜେଡି ଜିଲା ପରିଷଦ ସଭ୍ୟ ବିଜୟ କୁମାର ବେହେରା, ଗୁପ୍ତ ବିଶୋୟୀ, ପୂର୍ବତନ ସରପଞ୍ଚ ଜି. ପ୍ରକାଶ ରାଓ, ଆର୍. ପ୍ରକାଶ ରାଓ, ଟି. ମୁରଲୀ ରାଓ, ଗେଦୁ ପଟ୍ଟନାୟକ, ଟି. ପ୍ରସାଦ ରାଓ, ଶିବପ୍ରସାଦ ମିଶ୍ର, ଡଙ୍ଗରିଗୁଡ଼ା ସରପଞ୍ଚ ରାମ କୁମାର ଗଣ୍ଡ, ପି. ନାଗା ରାଓ ପ୍ରମୁଖ କର୍ମୀଓ ନାରୀ ନେତ୍ରୀ ଉପସ୍ଥିତ ଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ବିଜେଡି ନେତା ଓ କର୍ମୀ।

# ବାବା ଚାଉଁରିଆ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଡାବୁଗାଁ, ୧୭।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଞ୍ଚଳା ଗ୍ରାମପଞ୍ଚାୟତ ସଦର ମହକୁମାରେ ଶ୍ରୀରାମ ନବମୀ ଅବସରରେ ଗ୍ରାମର ଯୁବ ଗୋଷ୍ଠୀଙ୍କ ଆନୁକୂଲ୍ୟରେ ବାବା ଚାଉଁରିଆ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଡାବୁଗାଁ କଂଗ୍ରେସ ବ୍ଲକ ସଭାପତି ଜି. ସାଇରାଜୁ ଫିତା କାଟି ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ଡାବୁଗାଁ ଜୋନ୍-୧ ସଭାପତି ପ୍ରକାଶ ପଣ୍ଡା, ଜୋନ୍-୨ ସଭାପତି ବଂଶୀଧର ମାଝି, ଧର୍ମାନନ୍ଦ ନାୟକ, ବାବି ଜେନା, ଆଶୁତୋଷ ଜେନା, ନରେନ ତନ୍ତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ କୁସୁମବନ୍ଧ ଓ ବୋରିପଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କୁସୁମବନ୍ଧ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୫୫ ରନ ସଂଗ୍ରହ କରିଥିଲା। ବୋରିପଦର ଦଳ ୭ ଓଭରରେ ୭ ଉଇକେଟ ହରାଇ ୫୬ ରନ କରି ବିଜୟୀ ହୋଇଥିଲା। ଉକ୍ତ ଟୁର୍ନାମେଣ୍ଟରେ ୧୬ଟି ଦଳ ଭାଗ ନେଇଛନ୍ତି। ୨୫ ତାରିଖରେ ଫାଇନାଲ ହେବ ବୋଲି ବାବା ଚାଉଁରିଆ କ୍ରିକେଟ ଟୁର୍ନାମେଣ୍ଟ କମିଟି ପକ୍ଷରୁ ସୂଚନା ମିଳିଛି। କମିଟିର ଦୁର୍ଜନ, କୁନୁ, ଗଣେଶ, ଶଙ୍କର, ପିଣ୍ଟୁ, ଲବ, ନରେଶ ଓ ପପୁ ପ୍ରମୁଖ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳାର ସହ ଟୁର୍ନାମେଣ୍ଟକୁ ଆଗେଇ ନେଉଛନ୍ତି ।



ଅତିଥିମାନେ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ କରୁଛନ୍ତି।

# ନବରାତ୍ରି ପାଇଁ କୁଆଁରୀ ଝିଅଙ୍କୁ ପୂଜା



ନବରାତ୍ରି ଶେଷ ଦିନରେ କୁଆଁରୀ ଝିଅଙ୍କୁ ପୂଜାର୍ଚ୍ଚନା କରାଯାଉଛି।

**ଚନ୍ଦାହାଣ୍ଡି, ୧୭।୪ (ଦିଲୀପ ଦାସ )**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ସଦରରେ ନବରାତ୍ରି ଧୁମଧାମରେ ପାଳନ କରାଯାଉଛି। ତେବେ ନବରାତ୍ରି ଶେଷ ଦିନରେ ପ୍ରଦୀପ କୁମାର ଅଗସ୍ତି ଓ ସରୋଜିନୀ ଅଗସ୍ତିଙ୍କ ପରିବାରରେ କୁଆଁରୀ ଝିଅଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ସକାଳୁ ୯ ଜଣ କୁଆରୀ ଝିଅଙ୍କୁ ଘରକୁ ଡାକି ତାଙ୍କୁ ନୂତନ ବସ୍ତ୍ର, ଅଳତା, ଟିକିଲି, ଚୁନରୀ ଓ ବିଭିନ୍ନ ଶୃଙ୍ଗାର ଦେବା ସହ ବିଭିନ୍ନ ସୁସ୍ୱାଦୁ ଭୋଜନ ଖାଇବାକୁ ଦେଇ ସେମାନଙ୍କୁ ପୂଜାର୍ଚ୍ଚନା କରିଥିଲେ । ପରେ ସମସ୍ତ କୁଆରୀ ଝିଅଙ୍କୁ ଅର୍ଥ ପ୍ରଦାନ କରିଥିଲେ । ଗତ ୯ତାରିଖରୁ ଚୈତ୍ର ନବରାତ୍ରି ନିଷ୍ଠାର ସହ ପାଳନକରି ବୁଧବାର ଶେଷଦିନ ଏହି ପୂଜା କରିଛନ୍ତି । ଏହି ପରମ୍ପରା ଦୀର୍ଘ ବର୍ଷରୁ କରିଆସୁଥିବା ବେଳେ ଏହା ଆଗକୁ ମଧ ଚାଲୁ ରହିବ ବୋଲି ଅଗସ୍ତି ପରିବାର ପକ୍ଷରୁ କୁହାଯାଇଛି ।

# କାଳବୈଶାଖୀ ବର୍ଷା ପରେ ଗରମରୁ ସାମାନ୍ୟ ଆଶ୍ୱସ୍ତି

**ଉମରକୋଟ,୧୭।୪ (ସନ୍ତୋଷ ଶତପଥୀ )**

ନବରଙ୍ଗପୁର ଜିଲା ଉମରକୋଟରରେ ଲୋକେ ପ୍ରବଳ ଖରା ତାତିରେ ଆଉଟୁପାଉଟୁ ହେଉଥିବା ବେଳେ ବୁଧବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ବର୍ଷା ଯୋଗୁ ଗରମ ଦାଉରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ସୂଚନା ଅନୁଯାୟୀ ବୁଧବାର ମଧ୍ୟାହ୍ନ ସମୟରେ ପ୍ରବଳ ଖରା ଅନୁଭୂତ ହେବା ସହ ତାପମାତ୍ରା ପ୍ରାୟ ୩୯ ଡିଗ୍ରୀ ରହିଥିଲା। ଅପରାହ୍ନ ୪ଟା ସମୟରେ ଉମରକୋଟ ସହରରେ ଘଡ଼ଘଡି ସହ ପବନ ଓ ବର୍ଷା ହୋଇଥିଲ। ଫଳରେ ଉମରକୋଟ ସହର ସାରା କିଛି ସ୍ଥାନରେ ଗଛ ଉପୁଡି ପଡ଼ିବା ସହ ଡାଳ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା । ଅଗ୍ନିଶମ ବିଭାଗ କର୍ମଚାରୀ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୁ ଗଛ କାଟି ସଫା କରିଥିଲେ । ତେବେ ଏହି ଖବର ଲେଖାହେବା ସୁଦ୍ଧା କୌଣସି କ୍ଷୟକ୍ଷତିର ଖବର ହସ୍ତଗତ ହୋଇନାହିଁ।

# ଚାଷୀଙ୍କ ବୋରୱେଲ ଖନନ ଟଙ୍କା ହଡ଼ପ ନେଇ ଏତଲା

**ପାପଡାହାଣ୍ଡି, ୧୭।୪ (ସ୍ୱପ୍ନଜିତ ପଟ୍ଟନାୟକ)**

ଚାଷୀଙ୍କ ବୋର୍‌ୱେଲ ଖନନ ଟଙ୍କା ହଡ଼ପ ଅଭିଯୋଗରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ୨ ଚାଷୀ । ୟୁନିୟନ ବ୍ୟାଙ୍କ ଟଙ୍କା ହଡପ କରିଥିବା ସାଂଘାତିକ ଅଭିଯୋଗ ଆଣିଛନ୍ତି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ପଞ୍ଚାୟତ ଅନ୍ତର୍ଗତ ସମରଚଚରା ଗ୍ରାମର ଅର୍ଜୁନ ସାନ୍ତା ଏବଂ ଦୀପ୍ତି ସାନ୍ତା। ଏନେଇ ପାପଡାହାଣ୍ଡି ଥାନାରେ ଉଭୟ ଲିଖିତ ଭାବେ ଏତଲା ଦେଇଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଗତବର୍ଷ ଡିସେମ୍ବର ୨୦ ତାରିଖରେ ନଳକୂପ ଖନନ ନିମନ୍ତେ ୨୦ ହଜାର ଲେଖାଏ ଦୁହେଁ ଜମା କରିଥିଲେ। କିନ୍ତୁ ତାଙ୍କ ଜମା ଖାତାରେ ୧୦ ହଜାର ଟଙ୍କା ଲେଖାଏ ଜମା ହୋଇଛି ବୋଲି ୨ ଦିନ ତଳେ ଜାଣିବା ପରେ ବଳକା ଟଙ୍କା ବ୍ୟାଙ୍କ କର୍ମଚାରୀ ହଡପ କରିଥିବା ଏତଲାରେ ଦର୍ଶାଇଛନ୍ତି। ଏଭଳି ଠକେଇର ଶିକାର ହୋଇଥିବା ୨ ଚାଷୀ ବାରମ୍ବାର ବ୍ୟାଙ୍କ ମ୍ୟାନେଜରଙ୍କ ପାଖକୁ ଯାଇ ଅଭିଯୋଗ କରିଥିଲେ ମଧ ସମ୍ପୃକ୍ତ ବ୍ୟାଙ୍କ ମ୍ୟାନେଜର ଚାଷୀଙ୍କୁ ସହଯୋଗ କରୁ ନ ଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ପାପଡାହାଣ୍ଡି ଥାନା ଅଧିକାରୀ ଦୀପକ କୁମାର ଜେନାଙ୍କୁ ଯୋଗାଯୋଗ କରିବାରୁ ବୁଧବାର ବ୍ୟାଙ୍କ ଛୁଟି ଥିବାରୁ ଗୁରୁବାର ଚାଷୀମାନଙ୍କ ସହ ବ୍ୟାଙ୍କ ଯାଇ ଯାଞ୍ଚ କରାଯିବ । ଯଦି ଚାଷୀ କୌଣସି ପ୍ରକାର ଠକେଇର ଶିକାର ହୋଇଥାନ୍ତି ତା'ହେଲେ ସମ୍ପୃକ୍ତ ବ୍ୟାଙ୍କ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ ପ୍ରତିକ୍ରିୟା ରଖିଛନ୍ତି । ଏ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିବାରୁ ବ୍ୟାଙ୍କରେ ଯାହା ରେକର୍ଡ ଅଛି ତାହା ଠିକ୍ ବୋଲି କହିଛନ୍ତି ।




ଅଭିଯୋଗ କରିବାକୁ ଆସିଥିବା ୨ ଚାଷୀ।

# ରାମନବମୀ ଅବସରରେ ଶୋଭାଯାତ୍ରା

**ଡାବୁଗାଁ/ ଉମରକୋଟ ୧୭।୪ (ପ୍ରଜ୍ଞାରଞ୍ଜନ ପରିଡା/ ସନ୍ତୋଷ ଶତପଥୀ)**

ରାମ ନବମୀ ଉପଲକ୍ଷେ ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଡାବୁଗାଁରେ ପ୍ରଥମେ ମା' ଠାକୁରାଣୀ ମନ୍ଦିରରେ ସମସ୍ତେ ଏକାଠି ହୋଇ ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ଜୟ ଶ୍ରୀରାମ ଧ୍ୱନି ଦେଇ ଡାବୁଗାଁ, ନୂଆଗୁଡ଼ା ଓ ଜୟନ୍ତୀ ନଗର ପରିକ୍ରମା କରି ମୁଖ୍ୟ ଛକରେ ଥିବା ମା' ତାରିଣୀ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ଡାବୁଗାଁ ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ମନୋହର ରନ୍ଧାରୀ, ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ପ୍ରଦୀପ ମାଝି, ଭାଜପାର



ବିଧାୟକ ପ୍ରାର୍ଥୀ ସୋମନାଥ ପୂଜାରୀ ପ୍ରମୁଖ ସାମିଲ ହୋଇଥିଲେ । ଶୋଭାଯାତ୍ରାରେ ଦିବ୍ୟରଞ୍ଜନ ରାୟପାତ୍ର, ଭଗବାନ ମହାନ୍ତି, ଗଙ୍ଗାଧର ମହାକୁଡ଼, ପିଣ୍ଟୁ ଅଗ୍ରୱାଲ, ଏ. ଶିବପ୍ରସାଦ, ସଞ୍ଜୟ ଶତପଥୀ, ବହୁ ଯୁବକ ଓ ଗ୍ରାମବାସୀ ସାମିଲ ହୋଇଥିଲେ।

ରାମନବମୀ ଅବସରରେ ଉମରକୋଟ ରାମମନ୍ଦିରଠାରେ ହୋମଯଜ୍ଞ କରାଯାଇ ପୂଜାପାଠ ହୋଇଥିଲା। ସକାଳୁ ଭକ୍ତମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଅପରାହ୍ନରେ ସ୍ଥାନୀୟ ରାମମନ୍ଦିର ଠାରୁ ଏକ ବିଶାଳ ରାଲି ସହର ପରିକ୍ରମା କରିଥିଲା । ଏହି ରାଲିରେ ପ୍ରାୟ ୪୦୦୦ ରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ରାଲିରେ ଡିଜେ, ବାଜା ସହ ଆତସବାଜି ଓ ଭଜନ ସଙ୍କୀର୍ତ୍ତନ ସହ ଜୟ ଶ୍ରୀରାମ ଧ୍ୱନିରେ ସହର ପ୍ରକମ୍ପିତ ହୋଇଉଠିଥିଲା ।



ଡାବୁଗାଁ ଶୋଭାଯାତ୍ରାରେ ରାମ, ଲକ୍ଷ୍ମଣ, ସୀତାଙ୍କ ବେଶରେ ସଜ୍ଜିତ ଭକ୍ତ।



ଉମରକୋଟ ଶୋଭାଯାତ୍ରାରେ ନବରଙ୍ଗପୁର ବିଧାୟକ ପାର୍ଥିନୀ ନବୀନା ନାୟକ ଓ ଅନ୍ୟମାନେ ନୃତ୍ୟ କରୁଛନ୍ତି।



ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

